## ସଂକ୍ଷେପରେ

### ଗଛ ପଡ଼ି ଭାଙ୍ଗିଲା ୨ ଘର

**ପାରଳାଖେମୁଣ୍ଡି,୧୪।୮(ଡି.ଏନ୍.ଏ.):** ଲଘୁଚାପଜନିତ ଲଗାଣ ବର୍ଷାରେ ଗଜପତି ଜିଲା ମୋହନା ଥାନା ପଥରଗଡ଼ ଗାଁରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡ଼ି ପଡ଼ି ୨ଟି ଘର ଭାଙ୍ଗିଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ଗାଁର କୁରିଙ୍ଗା କାର୍ଜି ଓ ଗଣେଶ କାର୍ଜି। ଖବର ପାଇ ମୋହନା ଅଗ୍ନିଶମ ବାହିନୀ ଗାଁରେ ପହଞ୍ଚି ଗଛ କାଟି ହଟାଇଥିବା ବେଳେ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି। ସେହିପରି ଲଗାଣ ବର୍ଷା ପ୍ରଭାବରେ ଜଣଙ୍କର ଇଟାକାନ୍ଥ ଭୁଶୁଡି ପଡ଼ିଥିଲା। ଫଳରେ ପରିବାର ଲୋକେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପିଣ୍ଡିକି ପଞ୍ଚାୟତ ନାରିଙ୍ଗି ଗାଁରେ ଦିଲୁ ନାୟକଙ୍କ ଘର କାନ୍ଥ ଭାଙ୍ଗିଛି।

### କଲବଲ କରୁଛି ଲଗାଣ ବର୍ଷା

**ବଲସକୁମ୍ପା,୧୪।୮:** ଲଘୁଚାପ ଜନିତ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ବିଲରେ ପାଣି ପଶି ଚାଷ ଜମିରେ ପାଣି ମାଡି ତଳି ସବୁ ନଷ୍ଟ ହେବାକୁ ବସିଲାଣି। ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗ୍ରାମାଞ୍ଚଳ ମାନଙ୍କରେ ବାସ କରୁଥିବା ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ପାହାଡ଼ମାନଙ୍କରୁ ପାଣି ଗଡ଼ିଆସି ଘର ଭିତରେ ପଶିବା ଆରମ୍ଭ କଲାଣି। ପିଲାସାଲୁଙ୍କି, ବରପୁଲିଆ, ପୁରୁଣା ପାଣି, କଣ୍ଡିଆନାଲ, ଟିଟ୍ରାପଙ୍ଗା ନଦୀରେ ଜଳସ୍ରୋତ ବଢ଼ିବାରେ ଲାଗିଛି। ବଲସକୁମ୍ପା ଗ୍ରାମର ଝୁନୁ ନାୟକଙ୍କ କଚ୍ଚା ଘର କାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ଦୂତିପଡା ପଞ୍ଚାୟତ ଅନ୍ତର୍ଗତ ବୁରୁପଦା ଗାଁର ବିଶିକେସନ୍ ଦିଗଲଙ୍କ ମଧ ଘର କାନ୍ଥ ଭୁଶୁଡ଼ି ପଡ଼ିଛି। କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ଯୋଗାଇ ଦିଆଯାଉଛି।

### ଏବିଡ଼ିଓ, ଜିପିଇଓ ନିଯୁକ୍ତି ଦାବି

**ଶେରଗଡ, ୧୪।୮(ଡି.ଏନ.ଏ.):** ଶେରଗଡ ବ୍ଲକରେ ଜିପିଇଓ ପଦବୀ ବହୁ ବର୍ଷ ହେଲା ଖାଲି ଥିବାବେଳେ ପ୍ରଗତି ସହାୟକ ପଦବୀ ଓ ଏବିଡିଓ ପଦବୀ ପ୍ରାୟ କିଛି ମାସ ହେବ ଖାଲି ପଡ଼ିଛି। ଜିପିଇଓ ପଦବୀ ପାଇଁ ଜଣେ ଗ୍ରାମସେବକଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ଏବିଡିଓ ଓ ପ୍ରଗତି ସହାୟକ ପଦବୀ ଖାଲିପଡ଼ିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ତୁରନ୍ତ ଉକ୍ତ ପଦବୀଗୁଡିକ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି।

### ଚନ୍ଦନକାଠ ଚୋରି

**ଦାରିଙ୍ଗବାଡି,୧୪।୮(ଡି.ଏନ.ଏ.):** କନ୍ଧମାଳ ଜିଲା ଦାରିଙ୍ଗବାଡି ବନାଞ୍ଚଳରେ ଶ୍ରାନିକେତା ଗ୍ରାମର ଜିତେନ୍ଦ୍ର ସାହୁଙ୍କ ବାଡ଼ିରୁ ଶନିବାର ରାତିରେ ଚନ୍ଦନ ଗଛ ଚୋରି ହୋଇଛି। ଜିତେନ୍ଦ୍ର କହିଛନ୍ତି, ଚନ୍ଦନ ଗଛଟି ତାଙ୍କ ବାଡ଼ିରେ ରହିଥିବା ଜାଣି ଦୁର୍ବୃତ୍ତମାନେ କାଟି ନେଇଯାଇଥିବା ବେଳେ ଏଥିରେ ସ୍ଥାନୀୟ ଚୋର ରହିଥିବା ସେ ସନ୍ଦେହ କରିଛନ୍ତି। ଏ ନେଇ ଥାନା ଏବଂ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବି ବୋଲି କହିଛନ୍ତି। ଖବର ଲେଖିବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ବିଦ୍ୟୁତ୍ ଆଘାତରେ ଗାଈ ମୃତ

**ଆସିକା,୧୪।୮(ଡି.ଏନ.ଏ.):** ଆସିକା ଏନଏସି କଳିଙ୍ଗା ରୋଡଠାରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ଗାଈ ମୃତ୍ୟୁ ଘଟିଛି। ତେବେ ଖୋଲାରେ ଥିବା ଏହି ଟ୍ରାନ୍ସଫର୍ମର ସମ୍ପର୍କରେ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ଘୁଞ୍ଚାଇବା ଲାଗି ଚିନ୍ତା କରାଯାଉଥିବାରୁ ତାହା ଚାରିପଟେ ପାଚେରି ହୋଇ ହୋଇ ନ ଥିଲା ବୋଲି କହିଦଇଛନ୍ତି।

# ବିପଦ ସଙ୍କେତ ଉପରେ ବଂଶଧାରା, ବନ୍ୟା ଆଶଙ୍କା

**ପାରଳାଖେମୁଣ୍ଡି/ଆର. ଉଦୟଗିରି/କାଶୀନଗର, ୧୪।୮(ଡି.ଏନ୍.ଏ)**

### ଆର.ଉଦୟଗିରିରେ ସର୍ବାଧିକ ୧୦୪ ମିମି ବର୍ଷା


ବଂଶଧାରାରେ ବନ୍ୟାଜଳ ପ୍ରବାହିତ ହେଉଛି।

ଗଜପତି ଜିଲା କାଶୀନାଗରଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ବଂଶଧାରା ନଦୀ ଜଳ। ରବିବାର ରାତି ୯ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୫୪.୯୧ ମି.ରେ ପହଞ୍ଚିଛି। ଏଠାରେ ବିପଦ ସଂକେତ ୫୫.୭୫ମି. ଥିବାବେଳେ ଉପର ମୁଣ୍ଡରେ ବର୍ଷାର ପରିମାଣ ଅଧିକ ହେଲେ ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଜଳସ୍ତରକୁ ନଜରରେ ରଖି ଗୋଟା ବ୍ୟାରେଜର ସମସ୍ତ ୨୨ଟି ଗେଟ ଖୋଲାଯାଇଛି। ଯଦି ବର୍ଷାର ପରିମାଣ ବୃଦ୍ଧିପାଏ କିମ୍ବା ଉପରେ ମୁଣ୍ଡରେ ବର୍ଷା ଲାଗିରହେ ତା'ହେଲେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ୧୧ ପଞ୍ଚାୟତ ଓ ରାୟଗଡ଼ା ଜିଲାର ଗୁଣୁପୁର ସବ୍‌ଡିଭିଜନ ପ୍ରଭାବିତ ହେବା ଆଶଙ୍କା ରହିଛି। ତଳି ଅଞ୍ଚଳରେ ଏନେଇ ଜିଲା ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଛି। ସମସ୍ତ ବ୍ଲକରେ ତହସିଲଦାର ଓ ବିଡିଓମାନଙ୍କୁ ସଜାଗ କରାଯାଇଛି। ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରଶାସନ ସଜାଗ ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା। ପାରଳାଖେମୁଣ୍ଡି ସହର ସମେତ ଆର.ଉଦୟଗିରି, ରାୟଗଡ, ମୋହନା, ନୂଆଗଡ, ଗୋଷାଣୀ, କାଶୀନଗର ଓ ଗୁମ୍ମା ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଛି। ଜିଲାରେ ରବିବାର ମୋଟ ୪୧୦.୮୦ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ୫୧.୩୫ମିମି ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଜଣାଯାଇଛି । କାଶୀନଗର ବ୍ଲକରେ ୨୦ ମିମି, ପାରଳାଖେମୁଣ୍ଡି ସହରରେ ୨୨ ମିମି, ରାୟଗଡ ବ୍ଲକରେ ୫୮ମିମି, ଗୁମ୍ମା ବ୍ଲକରେ ୫୩ ମିମି, ନୂଆଗଡ ବ୍ଲକରେ ୭୦.୨୦ମିମି, ଆର୍.ଉଦୟଗିରି ବ୍ଲକରେ ୧୦୪ ମିମି, ମୋହନା ବ୍ଲକରେ ୩୯.୬ମିମି, ଗୋଷାଣୀ ବ୍ଲକରେ ୪୪ ମିମି ଏପରି ଭାବେ ମୋଟ ୪୧୦.୮୦ମିମି ବର୍ଷା ହୋଇଥିବା ଜଣାପଡିଛି ।

# ଧୋଇଗଲା ଅସ୍ଥାୟୀ ପୋଲ, ଯୋଗାଯୋଗ ବିଚ୍ଛିନ୍ନ


ଧୋଇଯାଇଥିବା ପୋଲ

**ରାଇକିଆ,୧୪।୮(ଡି.ଏନ୍.ଏ.)**

କନ୍ଧମାଳ ଜିଲା ରାଇକିଆ ବ୍ଲକ ମୁରୁଡ଼ି କୁପୁଡ଼ାଠାରେ ଦାରିଙ୍ଗିବାଡ଼ି-ରାଇକିଆକୁ ସଂଯୋଗ କରୁଥିବା ଅସ୍ଥାୟୀ ପୋଲ ରବିବାର ଅପରାହ୍ନରେ ଧୋଇ ଯିବାରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ୨୦୧୮ ତିତ୍‌ଲି ବାତ୍ୟାରେ ଏଠାରେ ଥିବା ସ୍ଥାୟୀ ପୋଲଟି ଧୋଇ ଯାଇଥିଲା। ସେବେଠାରୁ ଅସ୍ଥାୟୀ ଭାବେ ରାସ୍ତା ପାଖରେ ମାଟି ପକା ଯାଇ ଡାଇଭର୍ସନ ନିର୍ମାଣ କରାଯାଇ ଯାନବାହନ ଚଳାଚଳ କରିଥିଲା। ଇତିମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ପୋଲ ନିର୍ମାଣ କରାଯାଇ ନ ଥିଲା। ଫଳସ୍ୱରୂପ ଗତ ଦୁଇଦିନର ଲଗାଣ ବର୍ଷା ଯୋଗୁ ଡାଇଭର୍ସନ ଧୋଇ ଯାଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ପ୍ରତ୍ୟେକ ବର୍ଷ ଏହିପରି ଡାଇଭର୍ସନ ଧୋଇ ଯାଉଥିଲେ ମଧ୍ୟ କେବଳ ମାଟି ପକାଇ ଅସ୍ଥାୟୀ ଭାବେ ଯାନବାହନ ଚଳାଚଳ ହେଉଛି।

# କନ୍ଧମାଳ: ଘରୁ ବାହାରି ପାରୁନାହାନ୍ତି ଲୋକେ


ଫିରିଙ୍ଗିଆ-ବାଲିଗୁଡା ରାସ୍ତାରେ ଉପୁଡ଼ି ପଡିଥିବା ବଡ଼ ଗଛ।

**ଫୁଲବାଣୀ ଅଫିସ, ୧୪।୮**

### ଫିରିଙ୍ଗିଆ ବ୍ଲକରେ ସର୍ବାଧିକ ୧୬୧.୬ ମି.ମି ବର୍ଷା

କନ୍ଧମାଳ ଜିଲାରେ ଗତ ୩ ଦିନ ଧରି ବର୍ଷା ଲାଗି ରହିଛି। ରବିବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ଜାରି ରହିଛି। ଫୁଲବାଣୀ ସହରର ବିଭିନ୍ନ ସାହି ରାସ୍ତା ଉପରେ ବର୍ଷା ପାଣି ଜମି ରହିଛି। ଫଳରେ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ନିହାତି ଆବଶ୍ୟକ ଥିଲେ କାଁ ଭାଁ ପଦାକୁ ଆସୁଥିବା ଦେଖିବାକୁ ମିଳିଛି । ଫିରିଙ୍ଗିଆ-ବାଲିଗୁଡା ରାସ୍ତାରେ ଏକ ବଡ ଗଛ ପଡି ଯିବାରୁ ଗାଡି ଚଳାଚଳ ବ୍ୟାଘାତ ହୋଇଛି । ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରବିବାର ଫିରିଙ୍ଗିଆ ବ୍ଲକରେ ସର୍ବାଧିକ ୧୬୧.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ବାଲିଗୁଡାରେ ୬୪ ମିମି, ଚକାପାଦରେ ୫୩ ମିମି, ଦାରିଙ୍ଗିବାଡି ୨୨ ମିମି, ଜି.ଉଦୟଗିରିରେ ୩୯.୪ ମିମି, ଖଜୁରିପଡାରେ ୩୮.୬ ମିମି, କୋଟଗଡ ୪୬ ମିମି, କ.ନୂଆଗାଁରେ ୭୬.୪ ମିମି, ଫୁଲବାଣୀରେ ୮୦ ମିମି, ରାଇକିଆରେ ୬୨ ମିମି, ଟିକାବାଲିରେ ୪୯ ମିମି ଓ ତୁମୁଡିବନ୍ଧରେ ୩୦ ମିଲିମିଟର ବର୍ଷା ହୋଇଛି ।

## ଲଗାଣ ବର୍ଷା: ଘରେ ପଶିଲା ପୋଖରୀ ପାଣି

**ରାଇକିଆ,୧୪।୮(ଡି.ଏନ.ଏ.)**

କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ ଗତ ଦୁଇ ଦିନ ହେଲା ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ଏହାର ପ୍ରଭାବରେ ଲକ୍ଷ୍ମୀ ବଜାର ପୋଖରୀ ଜଳାର୍ଣ୍ଣବ ହେବା ସହ ନିକଟରେ ବସବାସ କରୁଥିବା ଲୋକଙ୍କ ଘରେ ପାଣି ପଶିଥିଲା। ଏଥିଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେବା ସହ କଚାଘର ମଧ କ୍ଷତିଗ୍ରସ୍ତ ହୋଇଥିଲା। ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର ଏବଂ ସରପଞ୍ଚ ଗୀତାଞ୍ଜଳି ନାୟକ ଉପସ୍ଥିତ ରହି ତୁରନ୍ତ ଯୁଦ୍ଧକାଳୀନଭିତ୍ତିରେ ଜଳ ନିଷ୍କାସନ ବ୍ୟବସ୍ଥା କରାଇଥିଲେ। ଏହି ସ୍ଥାନରେ ଡ୍ରେନ୍ ବ୍ୟବସ୍ଥା ଥିଲେ ମଧ ଗୋଟିଏ ପଟେ ଡ୍ରେନ୍ ଉପରେ ଜବରଦଖଲ ଯୋଗୁ ଡ୍ରେନ୍ ପୋତି ହୋଇଯାଉଛି, ଅନ୍ୟପକ୍ଷରେ ପୋତି ହୋଇଥିବା ଡ୍ରେନ ପୁନରୁଦ୍ଧାର କରାଯାଉ ନ ଥିବା ଯୋଗୁ ଏଭଳି ସମସ୍ୟା ଉପୁଜୁଛି।

# ମୋହନାରେ ୪୫୦ ଫୁଟ୍ ତ୍ରିରଙ୍ଗା ଶୋଭାଯାତ୍ରା


ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ସଂଗଠନର ସଦସ୍ୟ ଓ ଗ୍ରାମବାସୀ

**ପାରଳାଖେମୁଣ୍ଡି, ୧୫।୮ (ଡି.ଏନ୍.ଏ)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ରବିବାର ଗଜପତି ଜିଲା ମୋହନା ବ୍ଲକ ଅଡବାଠାରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। 'ବିପଦର ବନ୍ଧୁ' ସଂଗଠନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୪୫୦ ଫୁଟ୍ ଲମ୍ବ ଓ ୯ ଫୁଟ୍ ଓସାରର ତ୍ରିରଙ୍ଗା ଧରି ୭ କିମି ଶୋଭାଯାତ୍ରା କରାଯାଇଥିଲା। ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିରରେ ୫୪ ଜଣ ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ର ନାଥ ମିଶ୍ର, ରବି ପାଳ, ବଳରାମ ରଥ, ଯୁଧିଷ୍ଠିର ମହାପାତ୍ର, ସୁଶାନ୍ତ କୁମାର ପୂଜାରୀ, ମନୋଜ କୁମାର ସାହୁ, ଆଦି ନାରାୟଣ ରାଓ, ଦେବାଶିଷ ଶତପଥୀ, ପ୍ରଶାନ୍ତ ବେହେରା, ରମାକାନ୍ତ ବିଷୋୟୀ, ବାବୁ ପାତ୍ର, ଶଙ୍କର ସାହୁ, ଶିବରାମ ସାହୁ, ସୁନୀଲ ଗୌଡ଼, ସରପଞ୍ଚ ପ୍ରତିନିଧି ମାନସୀ ଗମାଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ବିପଦର ବନ୍ଧୁ ସଦସ୍ୟ ମଦାରୀ ଖାଁ, ଦୁର୍ଗାପ୍ରସାଦ ରଥ,ସନତ କୁମାର ମଲ୍ଲିକ, ଜଗନ୍ନାଥ ଦାଶ, ଜିତେନ୍ଦ୍ର ଗୌଡ଼, ରତ୍ନାକର ବିଷୋୟୀ, ରାଜେନ୍ଦ୍ର ଦଳେଇ, ଅକ୍ଷୟ କୁମାର ଶତପଥୀ, ଗୌରହରି ପୋଲାଇ, ସନ୍ତୋଷ କୁମାର ନାୟକ, ବିଷ୍ଣୁ ପାତ୍ର, ସୁନୀଲ କୁମାର ପାଢ଼ୀ, କିଶୋର କୁମାର ସାହୁ ପରିଚାଳନା କରିଥିଲେ।

# ବାଘୁଆ ଜଳଭଣ୍ଡାରରୁ ଛଡ଼ାଗଲା ବନ୍ୟା ଜଳ


ବାଘୁଆ ଜଳଭଣ୍ଡାରରୁ ଛଡାଯାଉଛି ବନ୍ୟାଜଳ।

**ବୁଗୁଡା,୧୪।୮(ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ବୁଗୁଡା ବ୍ଲକ ଅନ୍ତର୍ଗତ ବାଘୁଆ ଜଳଭଣ୍ଡାରର ଜଳ ବିପଦ ସଂକେତ ନିକଟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଦୁଇଟି ଗେଟ୍ ଖୋଲାଯାଇ ୨୦୨୨ର ପ୍ରଥମ ବନ୍ୟା ଜଳକୁ ନଦୀରେ ଶନିବାର ରାତି ୯ଟାରେ ଛଡ଼ାଯାଇଛି। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଏବଂ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ବନ୍ୟା ଜଳ ନିଷ୍କାସନ କରାଯାଇଥିବା ବାଘୁଆ ଉପବିଭାଜନ ସହନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଜଳଭଣ୍ଡାରର ଜଳଧାରଣ ବିପଦ ସଂକେତ ୧୧୩.୮୫ ମିଟର ଥିବାବେଳେ ବର୍ତ୍ତମାନ ଏହା ୧୧୩.୬୦ ମିଟରରେ ପହଞ୍ଚି ବିପଦ ସଂକେତର ନିକଟତର ହେଲାଣି। ତେଣୁ ଜଳଭଣ୍ଡାର ସୁରକ୍ଷା ଦୃଷ୍ଟିରୁ ବନ୍ୟା ଜଳକୁ ଗେଟ୍ ଦେଇ ନଦୀ ଶଯ୍ୟାରେ ଛଡ଼ାଯାଇଛି। ବର୍ତ୍ତମାନ ସୁଦ୍ଧା ଜଳଭଣ୍ଡାର ଭିତରକୁ ବର୍ଷା ଜଳ ପ୍ରତି ସେକେଣ୍ଡରେ ୩୦ ଘନମିଟର ପଶୁଥିବା ବେଳେ ପ୍ରତି ଗେଟ୍ ଦେଇ ମଧ ଅନୁରୂପ ସେକେଣ୍ଡରେ ୩୦ ଘନମିଟର ଜଳ ନିଷ୍କାସନ କରାଯାଉଛି। ନଦୀରେ ବନ୍ୟା ଜଳ ଛଡ଼ାଯିବା ପୂର୍ବରୁ ନଦୀକୂଳିଆ ଅଞ୍ଚଳର ଗ୍ରାମବାସୀଙ୍କୁ ମାଇକ ଯୋଗେ ନଦୀ ଭିତରକୁ ନ ଯିବା ଏବଂ ଗୃହପାଳିତ ପ୍ରାଣୀମାନଙ୍କୁ ନ ଛାଡ଼ିବା ସକାଶେ ସତର୍କ ସୂଚନା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି।

## ଘୋଡ଼ାହାଡ଼ ଜଳସ୍ତର ବୃଦ୍ଧି

**ଦିଗପହଣ୍ଡି,୧୪।୮(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ୍‌ରେ ଥିବା ଘୋଡାହାଡ ଡ୍ୟାମ୍ ସମେତ କ୍ଷୁଦ୍ରସେଚ ପ୍ରକଳ୍ପ ଗୁଡିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଘୋଡ଼ାହାଡ଼ରେ ଜଳସ୍ତର ୧୧୫.୮୪ମି. ପହଞ୍ଚିଛି। ଗଣିଆନାଳ, କହ୍ନେଇନାଳ ସମେତ ବହୁ କ୍ଷୁଦ୍ରସେଚ ପ୍ରକଳ୍ପ ୫୦ ପ୍ରତିଶତ ଜଳରେ ପରିପୂର୍ଣ୍ଣ ହେଲାଣି। ଅଗଷ୍ଟ ମାସରେ ୨୨୦ ମିମି ବର୍ଷା ଆବଶ୍ୟକ ଥିବା ବେଳେ ୧୩ ତାରିଖ ସୁଦ୍ଧା ୨୧୧ ମିମି ବର୍ଷା ହୋଇଥିବା କୃଷି ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ୧୪ ତାରିଖରେ ୩୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷା ପୂର୍ବରୁ ଦିଗପହଣ୍ଡି ବ୍ଲକ୍‌ରେ ୩୦ ପ୍ରତିଶତ ଅର୍ଥାତ୍ ୪୩୦୦ ହେକ୍ଟର ଜମିରେ ଧାନରୁଆ କାର୍ଯ୍ୟ ଶେଷ ହୋଇଛି। ବ୍ଲକ୍‌ର କ୍ଷୁଦ୍ରସେଚ ପ୍ରକଳ୍ପ ଗୁଡିକ ପରିପୂର୍ଣ୍ଣ ହେଲେ ଦୁଇମାସ ପର୍ଯ୍ୟନ୍ତ ବର୍ଷା ନହେଲେ ମଧ ଧାନଚାଷ ପ୍ରଭାବିତ ହେବନାହିଁ ବୋଲି ବ୍ଲକ୍ ଭାରପ୍ରାପ୍ତ କୃଷି ଅଧିକାରୀ ପଦାରବିନ୍ଦ ସାହୁ କହିଛନ୍ତି। ମେଗା ଉଠାଜଳସେଚନ ପ୍ରକଳ୍ପ ରୁଆ କାର୍ଯ୍ୟରେ ସହାୟକ ହୋଇଥିବା ପୂର୍ବତନ ସରପଞ୍ଚ ଚୈତନ୍ୟ ପ୍ରାସାଦ ପ୍ରଧାନ ସୂଚନା ଦେଇଛନ୍ତି।

# ତ୍ରିରଙ୍ଗା ବାଣ୍ଟିଲେ ଏନ୍ଏସି ଅଧ୍ୟକ୍ଷ

**ବୁଗୁଡା/ଗଞ୍ଜାମ,୧୪।୮(ଡି.ଏନ.ଏ.)**


ବୁଗୁଡ଼ାରେ ତ୍ରିରଙ୍ଗା ବଣ୍ଟାଯାଉଛି।

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ରବିବାର ସ୍ଥାନୀୟ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ସହରର ପ୍ରତ୍ୟେକ ଘର ଘର ବୁଲି ତ୍ରିରଙ୍ଗା ପତାକା ଲୋକମାନଙ୍କୁ ବଣ୍ଟନ କରିଥିଲେ। ଫଳରେ ବୁଗୁଡା ଏନ୍ଏସିର ବିଭିନ୍ନ ସାହିର ଘର ଗୁଡ଼ିକରେ ଜାତୀୟ ପତାକା ଫରଫର ହୋଇ ଉଡି ବିଶେଷ ଶୋଭା ବହନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢୀ ସାମିଲ ହୋଇ ତ୍ରିରଙ୍ଗା ବାଣ୍ଟିବା ସହ ଏଥିରେ ଏନ୍ଏସିର ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥିମାନେ ଯୋଗ ଦେଇଥିଲେ। ସେହିପରି ଗଞ୍ଜାମ ଏନଏସି ପକ୍ଷରୁ ପ୍ରତ୍ୟେକ ୧୨ଟି ୱାର୍ଡଗୁଡ଼ିକରେ ୱାର୍ଡ଼ ଅଫିସର, ସ୍ୱଚ୍ଛ ସାଥି ଓ ଜଳସାଥୀମାନେ ଜାତୀୟ ପତାକା ବଣ୍ଟନ କରିଛନ୍ତି। ରବିବାର ଲଗାଣ ବର୍ଷା ସତ୍ୱେ ପତାକାକୁ ନେଇ ୱାର୍ଡ଼ ଅଫିସର, ସ୍ୱଚ୍ଛ ସାଥି ଓ ଜଳ ସାଥିଙ୍କୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉପସଚିବଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଶେରଗଡ/ହିଞ୍ଜିଳିକାଟୁ, ୧୪।୮(ଡି.ଏନ୍.ଏ.)**

### ଶେରଗଡ଼ ଓ ହିଞ୍ଜିଳିକାଟୁ ଗସ୍ତ

ମୁଖ୍ୟମନ୍ତ୍ରୀଙ୍କ ଉପସଚିବ ଶୁଭ୍ରାଂଶୁ ଶେଖର ମିଶ୍ର ଶେରଗଡ଼ ଓ ହିଞ୍ଜିଳିକାଟୁ ବ୍ଲକ ଗସ୍ତ କରିଛନ୍ତି। ଖ୍ରିଡ଼ା ପଞ୍ଚାୟତକୁ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରେ ବ୍ଲକର ୫୬, ୫୭, ୫୮ ନମ୍ବର ଜିଲା ପରିଷଦ ଜୋନର ସରପଞ୍ଚ, ସମିତି ସଭ୍ୟ ଓ ନେତାଙ୍କୁ ନେଇ ପଞ୍ଚାୟତର ସମସ୍ୟା ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଜେଡିର ବରିଷ୍ଠ ନେତା ହୃଷିକେଶ ପାଢ଼ୀ, ଉଦୟନାଥ ପ୍ରଧାନ, ଚୋରିଆ ପ୍ରଧାନ, ଜିଲା ପରିଷଦ ସଭ୍ୟା ନିବେଦିତା ପ୍ରଧାନ, ସନ୍ତୋଷ କୁମାର ପଟ୍ଟନାୟକ ଓ ଦିଗାମ୍ବର ନାହାକ, ଭୀମସେନ ଚୌଧୁରୀ, କାହ୍ନୁଚରଣ ପଟନାୟକ ଓ ହୀନ ବେହେରା ଉପସ୍ଥିତ ରହି ଶେରଗଡ ପଞ୍ଚାୟତର ହାଟବନ୍ଧଠାରେ ପରିବା ଓ ମାଛ ମାର୍କେଟ ପ୍ରତିଷ୍ଠା, ଶିତଳା ମନ୍ଦିର ଉନ୍ନତୀକରଣ, ଡାକ୍ତର ନିଯୁକ୍ତି, ମହୁପଦର ପଞ୍ଚାୟତର ପଦ୍ମପୁର ଓ ନୂଆପଲ୍ଲୀ ରାସ୍ତା ନିର୍ମାଣ, ଅଲାରୀଗଡ଼କୁ ବ୍ରହ୍ମପୁରରୁ ମୋ ବସ୍ ସେବା, ଶେରଗଡ ବ୍ଲକରେ ଜମିଜମା ବନ୍ଦୋବସ୍ତ ଆଦି ଦାବି ଉପସ୍ଥାପନ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡ଼ିଓ ଶିବାଶିଷ ବରାଳ, ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ସମିତି ସଭ୍ୟା ସବିତାରାଣୀ ଚୌଧୁରୀଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ଯୋଗଦେଇଥିଲେ।

ସେହିପରି ସନ୍ଧ୍ୟାରେ ହିଞ୍ଜିଳିକାଟୁ ପୌରପରିଷଦରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ତହସିଲଦାର ପ୍ରଭାତ କୁମାର ପରିଡ଼ା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ନଗର ସଭାପତି ଭୀମସେନ ବେହେରା, ଯୁବ ସଭାପତି ସଞ୍ଜୟ ପଣ୍ଡା, ଦେବାନନ୍ଦ ମହାପାତ୍ର, ପ୍ୟାରୀମୋହନ ପାଢ଼ୀ, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।



ଶେରଗଡ଼ରେ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଉପସଚିବ ଓ ଅନ୍ୟ ଅଧିକାରୀ

# ବାଇବାଲି ପଞ୍ଚାୟତ ବରଗାଁକୁ ନାହିଁ ପକ୍କା ରାସ୍ତା

**ଭଞ୍ଜନଗର,୧୪।୮(ଡି.ଏନ.ଏ)**

### ଲଗାଣ ବର୍ଷାରେ ଗ୍ରାମାଞ୍ଚଳ ସମସ୍ୟା ବଢୁଛି


ବରଗାଁ ଗ୍ରାମ୍ୟ ରାସ୍ତା ।

ଭଞ୍ଜନଗର ଅଞ୍ଚଳରେ ଆଜକୁ ପ୍ରାୟ ଏକ ସପ୍ତାହ ହେବ ମଝିରେ ମଝିରେ ଲଗାଣ ବର୍ଷା ହେଉଛି। ଏହାଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଲୋକେ ଘରୁ ବାହାରି ପାରୁନାହାନ୍ତି। କେତକ ସ୍ଥାନରେ ଝଟିମାଟି ଘର ଭୁଶୁଡ଼ି ପଡ଼ିଛି । ଭଞ୍ଜନଗର ବ୍ଲକ ଗାଲେରୀର ଜନ୍ମେଜୟ ଗୌଡ଼ଙ୍କ ଚାଳ ଛପର ଘର ଏହି ଲଗାଣ ବର୍ଷାରେ ଭୁଶଡ଼ି ପଡ଼ିଛି । ବିଦ୍ୟୁତ୍ ସେବା ମଧ ପ୍ରଭାବିତ ହୋଇଛି। ବ୍ଲକର ଅନେକ ଗ୍ରାମକୁ ଏ ବେବି ପକ୍କା ରାସ୍ତା ହୋଇପାରିନାହିଁ । ବର୍ତ୍ତମାନ ଲଗାଣ ବର୍ଷା ଯୋଗୁ ଲୋକେ ଉକ୍ତ ମାଟି ରାସ୍ତାରେ ଯାତାୟାତ ସମୟରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବାଇବାଲି ପଞ୍ଚାୟତର ଅନେକ ଗ୍ରାମରେ ଥିବା ମାଟି ରାସ୍ତା ଗୁଡ଼ିକୁ ମଧ ଠିକ୍ ଭାବେ ମରାମତି କରାଯାଉନାହିଁ । ମୁଖ୍ୟ ସଡ଼କରୁ ବରଗାଁ ମାଟି ରାସ୍ତାଟିକୁ ବହୁଦିନ ହେବ ମରାମତି କରାଯାଇନାହିଁ । ଉକ୍ତ ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ବର୍ତ୍ତମାନ ବର୍ଷା ଯୋଗୁ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଏ ନେଇ ବରଗାଁ ଗ୍ରାମବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ଆଗାମୀ ଦିନରେ ଏ ନେଇ ବରଗାଁ ଗ୍ରାମବାସୀ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି । ବାଇବାଲି ପଞ୍ଚାୟତ ବ୍ଲକର ପଛୁଆ ଅଞ୍ଚଳ ଭାବେ ପରିଚିତ । ସେହିଭଳି ଭଞ୍ଜନଗର ସହରତଳି ଲାଲସିଂ ପଞ୍ଚାୟତର ଅନେକ ରାସ୍ତା ମାଟି ରାସ୍ତା ଅଛି । ମାଟି ରାସ୍ତା ଗୁଡ଼ିକ ଖାଲ ଢ଼ିପରେ ଭରି ରହିଥିବା ବେଳେ ବର୍ତ୍ତମାନ ବର୍ଷା ଯୋଗୁ ଉକ୍ତ ଖାଲ ଗୁଡ଼ିକରେ ପାଣି ଭରି ରହିଛି । ଲୋକେ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଦୈନନ୍ଦିନ ଉକ୍ତ ମାଟି ରାସ୍ତା ଗୁଡ଼ିକରେ ଦୁର୍ଘଟଣା ମଧ ଘଟୁଛି। ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହୋଇଛି।ଅପରପକ୍ଷେ ଲଗାଣ ବର୍ଷା ଯୋଗୁ ଲୋହରାଖଣ୍ଡି, ବଡ଼ନଦୀରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି । କିନ୍ତୁ ଉପରମୁଣ୍ଡ କନ୍ଧମାଳରେ ବର୍ଷା କମ୍ ଯୋଗୁ ବର୍ତ୍ତମାନ ବନ୍ୟା ପରିସ୍ଥିତି ଉପୁଜିନାହିଁ। ଆଗକୁ ଆହୁରି ଦୁଇଦିନ ବର୍ଷା ଅଛି । ତେଣୁ ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଜଳସମ୍ପଦ, ରାଜସ୍ୱ ସମେତ ପ୍ରମୁଖ ବିଭାଗ ପ୍ରସ୍ତୁତ ହୋଇଛି ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବ୍ରହ୍ମପୁର ଉପଖଣ୍ଡ ୭୬ତମ ସ୍ୱାଧୀନତା ଦିବସ ମହୋତ୍ସବ। ସ୍ଥାନ–ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ। ସମୟ–ପୂର୍ବାହ୍ନ ୭.୩୦।

## ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ, ୧୪।୮: ଫିରିଙ୍ଗିଆ ଥାନା ପୋଲିସ ତେଲିମୁଣ୍ଡା ଛକରେ ଚଢ଼ାଉ କରି ଏକ ବୋଲେରୋରୁ ୨୩ କି.ଗ୍ରା.୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲାର ଧର୍ମେନ୍ଦ୍ର ପାଣ୍ଡବ ଓ ପ୍ରଫୁଲ୍ଲ ପ୍ରଧାନ। ଏକ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ନେତୃତ୍ୱରେ ଏକ ଟିମ୍ ତେଲିମୁଣ୍ଡା ଛକରେ ଜଗି ରହିଥିଲା। ବୋଲେରୋ (ଓଡି ୦୨ ବିକ୍ୟୁ ୪୬୯୦)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା। ଏ ନେଇ ଥାନାରେ ନଂ.୧୨୦/୨୨ରେ ଏକ ମାମଲା ରୁଜୁ ହୋଇଛି।

## ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ବ୍ରହ୍ମପୁର ଅଫିସ,୧୪।୮: ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ଜ୍ଞାନ ବିଜ୍ଞାନର ସୁପରଭାଇଜର ବିଷ୍ଣୁ ମୋହନ ତ୍ରିପାଠୀ ଯୋଗ ଦେଇ ବିଜ୍ଞାନର ଉପାଦେୟତା ସମ୍ପର୍କରେ କହିଥିଲେ। ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମେଳାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଘରୁ ଲକ୍ଷାଧିକ ଟଙ୍କା ଚୋରି

ବ୍ରହ୍ମପୁର ଅଫିସ,୧୪।୮: ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାପୁଜୀନଗରରେ ରହୁଥିବା ଜଣେ ମହିଳାଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ବିପ୍ରଚରଣ ସାହୁ ତାଙ୍କ ଭଉଣୀଙ୍କ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ବିପ୍ରଚରଣଙ୍କ ଭଉଣୀ ବାହାରେ ଚାକିରି କରନ୍ତି। ତାଙ୍କ ଘର ମରାମତି କାମ ଚାଲିଛି। ବିପ୍ର ଏସବୁ କାମର ତଦାରଖ କରୁଛନ୍ତି। ହେଲେ ଲୁଟିଆ ଗ୍ୟାଙ୍ଗ ଶନିବାର ତାଙ୍କ ଭଉଣୀଙ୍କ ଘର ତାଲା ଭାଙ୍ଗି ଆଲମିରାରେ ଥିବା ପ୍ରାୟ ୨ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ବିନାୟକ ଆଚାର୍ଯ୍ୟ କଲେଜରେ ଆଜାଦୀ କା ଅମୃତ ମହୋତ୍ସବ

ବ୍ରହ୍ମପୁର ଅଫିସ,୧୪।୮: ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଓ ଯୁବ ରେଡକ୍ରସ୍ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଓ ହର୍ ଘର୍ ତ୍ରିରଙ୍ଗା ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରମିଳା ଖାଡ଼ଙ୍ଗା ଅଧ୍ୟକ୍ଷତା କରିଥିଲେ। ଏଥିରେ ଏନ୍ଏସ୍ଏସ୍ ଅଧିକାରୀ ଡ.ଶୁଭଶ୍ରୀ ଅପରାଜିତା ସାହୁ, ଯୁବ ରେଡକ୍ରସ କାର୍ଯ୍ୟକ୍ରମ ଅଧିକାରୀ ଡ.ଚିତ୍ତ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଡ.ଖାଡ଼ଙ୍ଗା ଭାରତୀୟ ସ୍ୱାଧୀନତା ସମ୍ପର୍କରେ ମହାପୁରୁଷଙ୍କ ତ୍ୟାଗ ଓ ଯୁବ ପିଢ଼ିଙ୍କ ଦେଶର ଏକତା ଓ ସାର୍ବଭୌମତ୍ୱ ରକ୍ଷା ନିମନ୍ତେ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ପାଳିତ ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଆସିକା,୧୪।୮(ଡି.ଏନ୍.ଏ.): ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମ ନିକଟ ଭୂତ ତୋଟାରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଆସିକା ଥାନା ମଣ୍ଡାପଡା ଗ୍ରାମର କପିଳ ଗୌଡ। କପିଳଙ୍କ ମା' ଏ ସମ୍ପର୍କରେ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ଗତ ଦୁଇମାସ ପୂର୍ବେ କପିଳଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିଲା। ମାନସିକ ଭାରସାମ୍ୟ ହରାଇ କପିଳ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନଂ.୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ୨୦୦ ମିଟର ତ୍ରିରଙ୍ଗା ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୧୪।୮



ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ଯାଉଛନ୍ତି।

ଆଜାଦୀ କା ଅମୃତ ମହୋତ୍ସବକୁ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ପକ୍ଷରୁ ଭିନ୍ନ ଢଙ୍ଗରେ ପାଳନ କରାଯାଇଛି। କ୍ଲବ ପକ୍ଷରୁ ରବିବାର ୨୦୦ମିଟର ଲମ୍ବ ବିଶିଷ୍ଟ ତ୍ରିରଙ୍ଗା ପତାକାକୁ ସଦସ୍ୟମାନେ ଧରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ ଟ୍ରାଫିକ ଡିଏସ୍‌ପି ସ୍ୱରାଜ ଦେବତା ଓ କ୍ଲବର ୟଗନାସିସି ମହାପାତ୍ର ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ରୋଟାରୀ କ୍ଲବ ସଦସ୍ୟ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମିଶାଇ ୩୦୦ରୁ ଊର୍ଦ୍ଧ୍ୱ ସାମିଲ ହୋଇଥିଲେ। ଭୁବନେଶ୍ୱରଠାରେ ଥିବା ରୋଟାରୀ କ୍ଲବ ପକ୍ଷରୁ ପ୍ରଥମେ ଏଭଳି ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଏହାପରେ ବ୍ରହ୍ମପୁରଠାରେ ଏଭଳି ଶୋଭାଯାତ୍ରା କରାଯାଇଥିବା କ୍ଲବ ସଭାପତି ସତ୍ୟକାମ ପାତ୍ର କହିଛନ୍ତି। ସୂଚନା ଯୋଗ୍ୟ, ୨୦୧୭ରେ ବିଶ୍ୱ ପୋଲିଓ ଦିବସ ଅବସରରେ କ୍ଲବ ପକ୍ଷରୁ ବିଶାଳ ପାଦ ନିର୍ମାଣ କରାଯାଇ ବ୍ରହ୍ମପୁର ଷ୍ଟାଡିୟମଠାରୁ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ୧୭୮୦ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯାହାକି ଲିମିକା ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିଲା। ରବିବାର ଅନୁଷ୍ଠିତ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ ବିଶୋୟୀ, ପୂର୍ବତନ ସଭାପତି ଭି.ଅଜୟ କୁମାର ଓ ସାର୍ଥକ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଷାଣୀନୂଆଗାଁରେ ତ୍ରିରଙ୍ଗା ବଣ୍ଟନ

ବ୍ରହ୍ମପୁର ଅଫିସ,୧୪।୮

ବ୍ରହ୍ମପୁର ଗୋଷାଣୀନୂଆଗାଁ ଭାଜପା ମଣ୍ଡଳ ପକ୍ଷରୁ ରବିବାର ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଏବଂ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାନଗରର ୨୭ନଂ. ୱାର୍ଡର ସବୁ ସାହିରେ ସମସ୍ତଙ୍କୁ ରାଷ୍ଟ୍ରୀୟ ପତାକା ବଣ୍ଟନ ସହ ଏହି ଗୌରବମୟ ଇତିହାସ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କର୍ପୋରେଟର ନୀଳକଣ୍ଠ ସାହୁଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗତ ପୌର ନିର୍ବାଚନର ମେୟର ପ୍ରାର୍ଥିନୀ ସବିତା ସୁଆର ପାଣିଗ୍ରାହୀଙ୍କ ସମେତ ଗଞ୍ଜାମ ସାଙ୍ଗଠନିକ ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଏନ୍. ରାଜେନ୍ଦ୍ର କୁମାର, ଜିଲା ଉପସଭାପତି ରାମ କୁମାର ପାତ୍ର, ବରିଷ୍ଠ ନେତା ସୁନୀଲ ସାହୁ ଓ ପ୍ରବୀର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସମ୍ପାଦିକା ସୁଶୀଳା ମଲିକ, କର୍ପୋରେଟର ବନୀତା ସାହୁ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶିବ ଶଙ୍କର ଶତପଥୀ, କିରଣ କୁମାର ସାହୁ, ପ୍ରହଲ୍ଲାଦ ପାଣିଗ୍ରାହୀ, ସିଏଚ୍ ଆପନା, ନିବେଦିତା ପାଢ଼ୀ, ବର୍ଷା ବିଦ୍ୟୁସ୍ମିତା, ନର୍ମଦା ମଣିରାଜୁ, କମଳ ପାତ୍ର, ନିରଞ୍ଜନ ସାହୁ, ବସନ୍ତ ଚୌଧୁରୀ, ପ୍ରଫୁଲ୍ଲ ସାହୁ ଓ ଅଜୟ ନାୟକଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଓ ବିଭିନ୍ନ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ଅପରପକ୍ଷରେ ସହରର ବିଭିନ୍ନ ସ୍ଥାନରେ ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା।



୭୬ତମ ସ୍ୱାଧୀନତା ଦିବସ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ବାଲୁକା କଳାକୃତି। (ଫଟୋ– ସମୀର)

## ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ, ଯୁବକ ଗିରଫ



ବ୍ରହ୍ମପୁର ଅଫିସ,୧୪।୮

ବ୍ରହ୍ମପୁର ରେଳ ଷ୍ଟେଶନରୁ ସରକାରୀ ରେଳବାଇ ପୋଲିସ ଗଞ୍ଜେଇ ଜବତ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ମହାରାଷ୍ଟ୍ର ଅହମ୍ମଦନଗରର ଜୁବେ ନାଜିର ସାଏଦ (୨୮)। ସେ ଧରିଥିବା ଏକ ବ୍ୟାଗରୁ ୯କେଜି ୭୦୦ ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଏହି ଗଞ୍ଜେଇ ବ୍ରହ୍ମପୁରରୁ ଟ୍ରେନ ଯୋଗେ ମୁମ୍ବାଇ ଚାଲାଣ କରିଥାନ୍ତେ ବୋଲି ପୋଲିସ ଅଭିଯୁକ୍ତଙ୍କୁ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନମ୍ବର ୫୯/୨୨ ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବ୍ରହ୍ମପୁର ରେଳଷ୍ଟେଶନର ୪ନମ୍ବର ପ୍ଲାଟଫର୍ମରେ ଜିଆରପି ଓ ଆରପିଏଫ୍ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଜଣେ ଯୁବକ ସନ୍ଦେହଜନକ ଭାବେ ସେଠାରେ ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ସେ ଧରିଥିବା ଏକ ବ୍ୟାଗ ଯାଞ୍ଚ କରିଥିଲା। ଉକ୍ତ ବ୍ୟାଗରେ ଗଞ୍ଜେଇ ରହିଥିବା ପୋଲିସ ଦେଖିବାକୁ ପାଇ ଥାନାକୁ ଆଣି ପଚରାଉଚରା କରୁଥିଲା।

## 'ହାରି ପୋଟର' ଲେଖିକାଙ୍କୁ ହତ୍ୟା ଧମକ

ଲଣ୍ଡନ,୧୪।୮



ପ୍ରଖ୍ୟାତ ଲେଖକ ସଲମାନ ରଶଡିଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିଥିବା 'ହାରି ପୋଟର' ଲେଖିକା ଜେ.କେ. ରୋଲିଙ୍ଗ୍‌ଙ୍କୁ ହତ୍ୟା ଧମକ ମିଳିଛି। ଟୁଇଟର ଜରିଆରେ ଏହି ହତ୍ୟା ଧମକ ମିଳିଥିବାବେଳେ ସ୍କଟିସ୍ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନ୍ୟୁୟର୍କରେ ରଶଡିଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି ରୋଲିଙ୍ଗ୍ ଶୁକ୍ରବାର ଟୁଇଟରରେ ଏକ ପୋଷ୍ଟ ଶେୟାର କରିଥିଲେ। ଏହାପରେ ଜଣେ ଟୁଇଟର ୟୁଜର 'ତୁମେ ବ୍ୟସ୍ତ ହୁଅନାହିଁ,ଏହାପରେ ତୁମ ପାଳି।' ବୋଲି ଲେଖିଥିଲେ। ଏହାର ସ୍କ୍ରିନ୍‌ସଟ୍ ରୋଲିଙ୍ଗ୍ ଶେୟାର କରିବା ସହ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ଦୁଇ ଭାଇଙ୍କ ସମେତ ୪ କୋର୍ଟ ଚାଲାଣ

### ବିଧବାଙ୍କୁ ଅସଦାଚରଣ ସହ ଲୁଟ୍

ବ୍ରହ୍ମପୁର ଅଫିସ,୧୪।୮

ଜଣେ ବିଧବାଙ୍କୁ ଟଣାଓଟରା କରିବା ସହ ତାଙ୍କ ଦୋକାନରୁ ଟଙ୍କା ଲୁଟ ଅଭିଯୋଗରେ ବ୍ରହ୍ମପୁର ବଡ଼ବଜାର ପୋଲିସ ଦୁଇ ଭାଇଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଚନ୍ଦନ ପଟ୍ଟନାୟକ (୨୦), ତାଙ୍କ ଭାଇ ରାଜେଶ ପଟ୍ଟନାୟକ (୧୮), ରାଧାକାନ୍ତ ସାହିର କାଳିଆ ପଟ୍ଟନାୟକ (୨୩) ଓ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହାଉସିଂ ବୋର୍ଡର ଜି. କିରେନ(୨୯)। ପୋଲିସ ଚନ୍ଦନଙ୍କଠାରୁ ଘଟଣା ସମୟରେ ଉକ୍ତ ମହିଳାଙ୍କ ଦୋକାନରୁ ଲୁଟି ନେଇଥିବା ୪,୫୦୦ ଟଙ୍କା ଜବତ କରିଛି। ଚନ୍ଦନଙ୍କ ନାମରେ ବଡ଼ବଜାର ଥାନାରେ ୯ଟି ସଙ୍ଗିନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ମାମଲା ନଂ.୨୦୬/୨୨ ରେ ପୋଲିସ ଉକ୍ତ ଅଭିଯୁକ୍ତମାନଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଏହି ମାମଲାର ତଦନ୍ତ ଜାରି ରହିଛି। ଏଥିରେ ଯେଉଁମାନଙ୍କର ସମ୍ପୃକ୍ତି ରହିଥିବା ଜଣାପଡିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଜଣେ ମହିଳା ବଡ଼ବଜାର ଥାନା ଅଞ୍ଚଳରେ ଏକ ଚା ଓ ପାନ ଦୋକାନ କରିଛନ୍ତି। ଗତ ୧୨ ତାରିଖ ସନ୍ଧ୍ୟାରେ ୧୦ଜଣ ଯୁବକ ଉକ୍ତ ଦୋକାନରେ ପହଞ୍ଚିଥିଲେ। ମହିଳା ଜଣଙ୍କ ଏକାକୀ ଥିବା ବେଳେ ଯୁବକମାନେ ତାଙ୍କ ଦୋକାନ ଭିତରକୁ ପଶିଥିଲେ। ଭିତରେ ଥିବା ସମସ୍ତ ସାମଗ୍ରୀ ରାସ୍ତା ଉପରକୁ ଫୋପାଡ଼ି ଦେଇଥିଲେ। ଦୋକାନ କାଉଣ୍ଟରରେ ଥିବା ଟଙ୍କା ଲୁଟି ନେଇଥିଲେ। ପରେ ମହିଳାଙ୍କୁ ଭିତରୁ ଟାଣି ଟାଣି ଆଣି ବିଚ୍ ରାସ୍ତାରେ ତାଙ୍କୁ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। ଏଭଳି ଘଟଣା ଯୋଗୁ ସମାଜରେ ଉକ୍ତ ମହିଳାଙ୍କ ମାନସମ୍ମାନ ହାନି ହୋଇଥିବା ନେଇ ସେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଉକ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

## ଜେଲରୁ ବାହାରିଲେ ବିଏମ୍‌ସି ପୂର୍ବତନ ମେୟର ଶିବଶଙ୍କର


ଜେଲରୁ ବାହାରୁଛନ୍ତି ପୂର୍ବତନ ମେୟର ଶିବଶଙ୍କର।

ବ୍ରହ୍ମପୁର ଅଫିସ,୧୪।୮

ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ବ୍ରହ୍ମପୁରରେ ଥିବା ଏଡିଜେ–୨ଙ୍କ ନିକଟରେ ଶିବଶଙ୍କରଙ୍କ ଓକିଲ ଶିବ ନାରାୟଣ ସାହୁ ଶନିବାର ଜାମିନ ସମ୍ପର୍କିତ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ସେହିପରି ପ୍ରତ୍ୟେକ ମାମଲାରେ ୫୦ହଜାର ଟଙ୍କାର ବେଲବଣ୍ଡ ଓ ଦୁଇଜଣ ଜାମିନଦାରଙ୍କୁ ଏଡିଜେ –୨ଙ୍କ ନିକଟରେ ହାଜର କରାଯାଇଥିଲା। ଏଡିଜେ –୨ ଶିବଶଙ୍କରଙ୍କ ଜାମିନ ମଞ୍ଜୁର କରିଛନ୍ତି। ପରେ ଶନିବାର ସନ୍ଧ୍ୟାରେ ସେ ଜେଲରୁ ବାହାରିଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଶିବଶଙ୍କର ଦାସ ଦୀର୍ଘ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ସୂଚନା ଅନୁଯାୟୀ, ବ୍ରହ୍ମପୁର ମହାନଗରର ପ୍ରଥମ ତଥା ପୂର୍ବତନ ମେୟର ଶିବ ଶଙ୍କର ଦାଶଙ୍କ ନାମରେ ଦଳିତ ବର୍ଗର ଲୋକଙ୍କ ଜମି ହଡ଼ପ ନେଇ ଅଭିଯୋଗ ହୋଇଥିଲା। ଗୋଳନ୍ଥରା ପୋଲିସ ଶିବଙ୍କ ନାମରେ ପୃଥକ ଭାବେ ୫ଟି ମାମଲା ରୁଜୁ କରିଥିଲା। ଏହି ମାମଲାରେ ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶିବ ଶଙ୍କରଙ୍କ ଜାମିନ ଖାରଜ ହୋଇଥିଲା। ସେ ନେଇ ତାଙ୍କ ଓକିଲ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

### ହାଇକୋର୍ଟରୁ ମିଳିଥିଲା ଜାମିନ

# ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମ ବରପୁତ୍ରଙ୍କ ଅବଦାନ ଅତୁଳନୀୟ

ବ୍ରହ୍ମପୁର ଅଫିସ,୧୪।୮



ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଉତ୍କଳ ଆଶ୍ରମ ସଭା କକ୍ଷରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ସମ୍ମିଳନୀ ସଭାପତି ଡ.ସୁବ୍ରତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ଡ.ବନମାଳୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଇତିହାସ ତଥା ସଂସ୍କୃତି ଗବେଷକ ଡ.ବାୟମନୁ ଚର୍ଚ୍ଚି ଓ ସମ୍ମିଳନୀ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ମହାରାଜା ଅଶୋକଙ୍କ କଳିଙ୍ଗ ଆକ୍ରମଣଠାରୁ ଆରମ୍ଭ କରି ମୋଗଲ, ମରହଟ୍ଟା, ପର୍ତ୍ତୁଗୀଜ ଫ୍ରାନ୍ସ ଓ ଇଂଲିଶ ଶାସକଙ୍କୁ କଳିଙ୍ଗ, ଉତ୍କଳ ଓ ଓଡ଼ିଶାରେ ଶାସନ କରାଇ ନ ଦେବା ପାଇଁ ହୋଇଥିବା ଦୁର୍ବାର ଯୁଦ୍ଧ ଓ ଆନ୍ଦୋଳନରେ ଗଞ୍ଜାମରେ ଜନ୍ମିତ ବୀରପୁତ୍ରଙ୍କ ପ୍ରାଣତ୍ୟାଗ ତଥା ସ୍ୱାର୍ଥ ତ୍ୟାଗ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ସେହିପରି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀ ଉପସଭାପତି ଡ.ନକୁଳ ସାହୁ, ହାଡିବନ୍ଧୁ ମାଳି, ଡ.ସାଗର ରଞ୍ଜନ ତ୍ରିପାଠୀ, ମହମ୍ମଦ ଆସ୍‌ଲାମଙ୍କ ସମେତ ସମରେନ୍ଦ୍ର କୁମାର ସାହୁ, ଇଂ.ପ୍ରକାଶ ଚନ୍ଦ୍ର ସାହୁ, ଶ୍ୟାମ ସୁନ୍ଦର ଖାଡଙ୍ଗା, ଭବାନୀ ଶଙ୍କର ପାଣିଗ୍ରାହୀ ଓ ରାଜକିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ପାଇବେ ସେବା ପଦକ


ପ୍ରଶାନ୍ତ କୁମାର ଦାଶ।

ବ୍ରହ୍ମପୁର ଅଫିସ,୧୪।୮

ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଦାଶ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେ ତାଙ୍କର ଏହି ସେବା ପାଇଁ ପୂର୍ବରୁ ୨୦୦୯ରେ ରାଜ୍ୟପାଳଙ୍କଠାରୁ ଶ୍ରେଷ୍ଠ କେନ୍ଦ୍ରାଧିକାରୀ ଭାବେ ସମ୍ମାନିତ ହୋଇଥିଲେ, ୨୦୧୭ରେ ରାଷ୍ଟ୍ରପତିଙ୍କର ସେବା ପଦକ, ୨୦୨୧ରେ ଅଗ୍ନିଶମ ମହାନିର୍ଦ୍ଦେଶକଙ୍କ ପଦକ ଓ ବର୍ତ୍ତମାନର ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ପାଇଁ ବିବେଚିତ ହୋଇଛନ୍ତି। ସେ ଏହି ପଦକ ରାଷ୍ଟ୍ରପତିଙ୍କଠାରୁ ସ୍ୱାଧୀନତା ଦିବସରେ ଗ୍ରହଣ କରିବେ। ବିଶେଷକରି ଅଗ୍ନିଶମ ସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସେ ଦେଶ ତଥା ବିଦେଶରେ ଅନେକ ଅଗ୍ନିଶମ ବିଭାଗ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ଗ୍ରହଣ କରି ତାହାକୁ ଜନସେବାରେ ବିନିଯୋଗ କରିଛନ୍ତି।

## ସିଟି ମହାବିଦ୍ୟାଳୟ ବିଭାଜନ ବିଭୀଷିକା ଦିବସ

ବ୍ରହ୍ମପୁର ଅଫିସ,୧୪।୮: ବ୍ରହ୍ମପୁର ସହର ଉପକଣ୍ଠ ଆମ୍ବପୁଆସ୍ଥିତ ସିଟି ମହାବିଦ୍ୟାଳୟରେ ଏନ୍‌ସିସି ପକ୍ଷରୁ ରବିବାର ବିଭାଜନ ବିଭୀଷିକା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଅନିତା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ.ପ୍ରକାଶ ଚନ୍ଦ୍ର ମହାପାତ୍ର ଏବଂ ଅଧ୍ୟାପିକା ଡ.ମିନତୀ ସାହୁ ମଞ୍ଚାସୀନ ଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ତଥା ଏନ୍‌ସିସି ଅଧିକାରୀ ଲ୍ୟୁଟନାଣ୍ଟ ମେଘନାଦ ପ୍ରଧାନ ସଭା ସଂଯୋଜନା କରିଥିଲେ। ମଞ୍ଚାସୀନ ଡ.ମହାପାତ୍ର ଏବଂ ଡ.ସାହୁ ୧୯୪୭ ଭାରତ ବିଭାଜନର କରୁଣ କାହାଣୀ ଓ ଏହାର ଭୟାବହତା ସମ୍ପର୍କରେ କହିଥିଲେ। ଏଥିରେ ଏନ୍ଏସ୍ଏସ୍ କ୍ୟାଡେଟ, ଏନ୍ଏସ୍ଏସ୍, ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଦେଶ ବିଭାଜନ ସମୟକୁ ହୃଦୟଙ୍ଗମ କରିବା ସହ ଏହାର ବିଭିନ୍ନ କାରଣ ସମ୍ପର୍କରେ ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ରେଡକ୍ରସ୍ କାଉନସିଲର ଡ.ସୁରଜ କୁମାର ବେହେରା, ଏନ୍ଏସ୍ଏସ୍ ଅଧିକାରୀ ସୁଦାମ ଚରଣ ବିଷୋୟୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

## କଂଗ୍ରେସର ସ୍ୱାଧୀନତା ଗୌରବ ଯାତ୍ରା



କଂଗ୍ରେସ କର୍ମକର୍ତ୍ତାମାନେ ପଦଯାତ୍ରାରେ ଯାଉଛନ୍ତି।

ଫୁଲବାଣୀ ଅଫିସ, ୧୪।୮: ଦେଶରେ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ରବିବାର କନ୍ଧମାଳ ଜିଲା କଂଗ୍ରେସ ପକ୍ଷରୁ ତ୍ୟାଗ ଓ ବଳିଦାନର ୭୫ ବର୍ଷ ଅବସରରେ ଫୁଲବାଣୀରେ ସ୍ୱାଧୀନତା ଗୌରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଶର ଯୁବ ନେତୃତ୍ୱ ତଥା ଛାତ୍ରୀଛାତ୍ରମାନେ ଦେଶ ପାଇଁ ବଳିଦାନ ଦେଇଥିବା ସେହି ମହାନ ପୁରୁଷଙ୍କ ବିଷୟରେ ଜାଣିବା ନିହାତି ଆବଶ୍ୟକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଯାତ୍ରା ସ୍ଥାନୀୟ ମାଦିକୁଦା ଛକରୁ ବାହାରି ସହର ପରିକ୍ରମା କରିଥିଲା। ଦଳର କର୍ମକର୍ତ୍ତାମାନେ ସହରରେ ଉପସ୍ଥିତ ଯୁବତୀଯୁବକ ଏବଂ ଅନ୍ୟମାନଙ୍କୁ ଦେଶ ସ୍ୱାଧୀନତା ବିଷୟରେ ଅବଗତ କରିଥିଲେ। ଏହି ପଦଯାତ୍ରାରେ ଜିଲା କଂଗ୍ରେସ ସଭାପତି ଅନାମ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପିସିସି ସମ୍ପାଦକ ଚନ୍ଦ୍ରଶେଖର ପରିଡ଼ା, ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ, ବରିଷ୍ଠ କଂଗ୍ରେସ ନେତା ହେମନ୍ତ କର, ଯୁବନେତା ସଂସାରୀ ଭୋଇଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ଧରାକୋଟ,୧୪।୮(ଡି.ଏନ୍.ଏ.):** ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ଭାରତରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧରାକୋଟ ଗ୍ରାମରେ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଇଂ. ପ୍ରଦୀପ କୁମାର ପତ୍ରିଙ୍କ ନେତୃତ୍ୱରେ



ଇଂ. ପ୍ରଦୀପ କୁମାର ପତ୍ରିଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା।

ଆୟୋଜିତ ହୋଇଯାଇଛି। ଧରାକୋଟ ବଡଦାଣ୍ଡ ସାହିରେ ଥିବା ଭାଜପା କାର୍ଯ୍ୟାଳୟଠାରୁ ଦଳୀୟ କର୍ମୀମାନଙ୍କ ସହିତ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିଭ୍ରମଣ କରି ଜାତୀୟ ପତାକା ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା। ପରେ ଧରାକୋଟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧରାକୋଟର ଭାଜପା ନେତା ହରପ୍ରସାଦ ମହାନ୍ତି, ନିରୋଜ ପାଢ଼ୀ, ଦାମୋଦରପଲ୍ଲୀ ଗ୍ରାମର ଯୁବନେତା ଶିବରାମ ମହାପାତ୍ର,ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପିଣ୍ଟୁ ନାୟକ, ଦେବରାଜ ଗୌଡ଼, ପ୍ରଦୀପ ମୁନି, ସୁବାସ ଚନ୍ଦ୍ର ସ୍ୱାଇଁ ଏବଂ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ।

## ବୁଦ୍ଧିଜୀବୀ ସମ୍ମିଳନୀ

**ପାରଳାଖେମୁଣ୍ଡି,୧୪।୮(ଡି.ଏନ୍.ଏ.)**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନୁଷ୍ଠାନର ସଭାପତି ଶଙ୍କର ପ୍ରସାଦ ବକ୍ସି, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା, ଅନାଦି ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ମହାପାତ୍ର ସ୍ୱାଧୀନତା ସଂଗ୍ରାମରେ ପାରଳାଖେମୁଣ୍ଡିର ଅବଦାନ ସମ୍ପର୍କରେ ନିଜ ଗବେଷଣା ଏବଂ ପୁସ୍ତକ ସମ୍ପର୍କରେ ମତ ରଖିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

**ଆସିକା,୧୪।୮(ଡି.ଏନ୍.ଏ.):** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ରବିବାର ଆସିକା ବ୍ଲକ ଖାରିଆ ପଞ୍ଚାୟତ ସନ୍ଧିନୂଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଓ ପାଣ୍ଡିଆପଥର ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା



ସ୍ୱାଇଁ, ବରିଷ୍ଠ ଯୁବ ନେତା ଭଗବାନ ସାହୁ, ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଶିବରାମ ସାହୁ, ସତ୍ୟନାରାୟଣ ସ୍ୱାଇଁ, ଅନିଲ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ଅନିମା ପରିଡା, ସରପଞ୍ଚ ଜୟନ୍ତୀ ସାହୁ, ନୀଳାଞ୍ଚଳ ଗୌଡ, ସୌଦାମିନି ନାୟକ ପ୍ରମୁଖ ସାମିଲ ଥିଲେ ।






## ବର୍ଷେ ପରେ ହତ୍ୟାକାରୀ ସ୍ୱାମୀ, ସହଯୋଗୀ ଗିରଫ

### ନଦୀ କୂଳରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା

**ଗଞ୍ଜାମ,୧୪।୮(ଡି.ଏନ.ଏ.):** ଗଞ୍ଜାମ ସହରର ଗ୍ରାସୀମ ଇଣ୍ଡଷ୍ଟ୍ରିଜ ନିକଟ ଋଷିକୂଲ୍ୟା ନଦୀ ନିକଟରୁ ଗତ ବର୍ଷ ଅଗଷ୍ଟ ୨୮ରେ ଉଦ୍ଧାର ହୋଇଥିବା ଯୁବତୀଙ୍କ ମୃତଦେହ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଏହା ଏକ ଯୋଜନାବଧ ହତ୍ୟା। ଏହି ହତ୍ୟାକାଣ୍ଡ ମୃତ ଯୁବତୀଙ୍କ ସ୍ୱାମୀ କରିଥିବା ବେଳେ ଜଣେ ସହଯୋଗୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଏସ୍‌ଡିପିଓ କିଷାନ କୁମାର ଗଞ୍ଜାମ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗଞ୍ଜାମ ଆଇଆଇସି ସୁଦୀପ୍ତ କୁମାର ସାହୁ, ସେକେଣ୍ଡ ଅଫିସର ଅଜିତ କୁମାର ପରିଡ଼ା ଉପସ୍ଥିତ ଥିଲେ। ଗଜପତି ଜିଲା ରାମଗିରି ଥାନା ଅଞ୍ଚଳର ମମତା ବେହେରା ବ୍ରହ୍ମପୁରଠାରେ ରହି ଚାକିରି କରୁଥିଲେ। ଗଞ୍ଜାମ ଜିଲା ସୋରଡ଼ା ବାସିନ୍ଦା ଜଣେ ଯୁବକ ଧରଣୀଧର ବେହେରା ବ୍ରହ୍ମପୁରରେ କାମ କରିବା ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିବା ସହ ପରବର୍ତ୍ତୀ ସମୟରେ ବାହା ହୋଇଥିଲେ। ବିବାହ ପରେ ତାଙ୍କର ଏକ ପୁଅ ଜନ୍ମ ହୋଇଥିଲା। କୌଣସି କାରଣରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ସୃଷ୍ଟିହୋଇ ତିକ୍ତତା ଆଡ଼କୁ ଗତି କରିଥିଲା। ଗତ ବର୍ଷ ଅଗଷ୍ଟ ୨୮ ତାରିଖରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ଧରଣୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀକୁ ହତ୍ୟା କରି ବସ୍ତାରେ ବାନ୍ଧି ଋଷିକୂଲ୍ୟା ନଦୀରେ ପକାଇ ଦେଇଥିଲେ। ଏହି କାର୍ଯ୍ୟରେ ଖୋର୍ଦ୍ଧା ଜିଲା ବାଲିଅନ୍ତାର ପ୍ରଭାତ ପ୍ରଧାନ ସହଯୋଗ କରିଥିବାରୁ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ଏସଡିପିଓ କହିଛନ୍ତି। ସୂଚନାଯୋଗ୍ୟ, ଋଷିକୂଲ୍ୟା ନଦୀ କୂଳରୁ ଏକ ବସ୍ତା ଭିତରୁ ମହିଳାଙ୍କ ମୃତଦେହ ମିଳିବା ପରେ ଗଞ୍ଜାମ ଥାନା ପକ୍ଷରୁ ନଂ. ୧୪୯/୨୧ ରେ ୩୦୨ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।











## ବେଲଗୁଣ୍ଠା ପଞ୍ଚାୟତ ସମିତି ଗୌରବ ସମ୍ମାନ

**ଭଞ୍ଜନଗର,୧୪।୮(ଡି.ଏନ୍.ଏ.):** ବେଲଗୁଣ୍ଠା ପଞ୍ଚାୟତ ସମିତି ଗୌରବ ସମ୍ମାନ -୨୦୨୨ ରବିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର , ଯୁକ୍ତ ୨ ଟପ୍ପରଙ୍କ ସମେତ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିଲାଗି ଆୟୋଜିତ ସଭାରେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ବିଇଓ ପ୍ରସନ୍ନ କୁମାର ବେହେରା, ବ୍ଲକ ବିଜେଡ଼ି ସଭାପତି ରାମେର ପାତ୍ର, ଜିଲାପରିଷଦ ସଭ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସନ୍ତି ସୁନ୍ଦର ସିଅ ସଭା ସଂଯୋଜନା କରିଥିବା ବେଳେ ଶିବରାମ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଯୁବ ନେତା ବିଭୂପାଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।











## ଗଞ୍ଜାମ ଜିଲା ନିବନ୍ଧକଙ୍କ ତାଲିମ ଶିବିର

**ଛତ୍ରପୁର,୧୪।୮(ଡି.ଏନ୍.ଏ.):** ଗଞ୍ଜାମ ଜିଲା ନିବନ୍ଧକଙ୍କ ଦିନିକିଆ ତାଲିମ ଶିବିର ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜମିଜମା ରେଜିଷ୍ଟ୍ରେଶନ ଆଇନ ଓ ନିୟମ, ଭାରତୀୟ ଷ୍ଟାମ୍ପ ଆଇନ, ଓଡିଶା ଷ୍ଟାମ୍ପ ନିୟମ ୧୯୫୨ ଏବଂ ଷ୍ଟାମ୍ପ ପେପର ଆଇନ ୧୯୯୦ ଉପରେ ବିଶଦ ଭାବେ ତାଲିମ ଦିଆଯାଇଥିଲା । ଏଥିସହ ଉଭୟ ଅନଲାଇନ ଓ ଅଫ ଲାଇନ ଇ-ରେଜିଷ୍ଟ୍ରେଶନ, ଇ-ଷ୍ଟାମ୍ପିଂ ପ୍ରୋସେସ, ଭାରତୀୟ ଷ୍ଟାମ୍ପ ଆଇନ ବଜାର ଦର ଓ ବେଞ୍ଚମାର୍କ ଦର ନିର୍ଦ୍ଧାରଣ, ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ ଅନୁଯାୟୀ ବିବାହ ପଞ୍ଜୀକରଣ ଏ ସମସ୍ତ କାର୍ଯ୍ୟରେ ନିବନ୍ଧକ ଓ ଜିଲା ନିବନ୍ଧକଙ୍କ ଭୂମିକା ଉପରେ ସମସ୍ତ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। ଶିବିରରେ ରେଜିଷ୍ଟ୍ରେଶନରେ ଆପତ୍ତି ଅଭିଯୋଗ (ଗ୍ରିଭେନ୍ସ ପିଟିସନ/ଅବଜେକ୍ସନ ପିଟିସନ) ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଡ. ସ୍ମିତା ମହାନ୍ତି, ଅନୁଶାସନ ସଚିବ, ଡେପୁଟି ଆଇ.ଜି.ଆର୍, କେନ୍ଦ୍ରାଞ୍ଚଳ, ଦେବ ରଞ୍ଜନ ମହାନ୍ତି ଡେପୁଟି ଆଇ.ଜି.ଆର୍. (ଉତ୍ତରାଞ୍ଚଳ), ମନୋଜ ସ୍ୱାଇଁ, ଅପରେଶନ ମ୍ୟାନେଜର, ବିପିନ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଶିବିରରେ ଜିଲାର ସମସ୍ତ ନିବନ୍ଧକ, ଉପ ନିବନ୍ଧକ ଓ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

## ଗୋପାଳକୃଷ୍ଣ ବିଜ୍ଞାନ ସ୍କୁଲ୍‌ର ପ୍ରତିଷ୍ଠା ଦିବସ

**ରମ୍ଭା,୧୪।୮:** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତର ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ସି.ଏଚ୍. ସୁଧାକରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ରୂପେ ପୂର୍ବତନ ବିଦ୍ୟାଳୟ ପରିଦର୍ଶକ ରବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ରୋହିତ କୁମାର ସାହୁ, ଲିଙ୍ଗରାଜ ସାହୁ, କହ୍ନେଇ ନାୟକ, ପିତାମ୍ବର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଡଃ.ଅନିତା ମିଶ୍ରଙ୍କ ବେଦ ପାଠ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଜଗଦୀଶ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଅଧ୍ୟାପକ ଡଃ.ଗଜେନ୍ଦ୍ର କୁମାର ସେଠୀ, ଦୀନବନ୍ଧୁ ପାତ୍ର, ବିଜୟ କୁମାର ସ୍ୱାଇଁ, କୁମାରି ଲିଲୁ ଦେବୀ, ପ୍ରହଲ୍ଲାଦ ବେହେରା, ଅଭିମନ୍ୟୁ ସାହୁ, ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକା ସନ୍ତୋଷୀ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।




